# ଚିକିଟୀ ମହାବିଦ୍ୟାଳୟ, ଚିକିଟୀ, ଗଞ୍ଜାମ, ପିନ୍-୭୬୧୦୧୦

* ସବିଶେଷ ତଥ୍ୟ ପାଇଁ ମହାବିଦ୍ୟାଳୟ ୱେବସାଇଟ୍ www.cmvedu.in କୁ ଯାଆନ୍ତୁ।

ଆବଶ୍ୟକ ⟺ ସାକ୍ଷାତକାର କୁ ଚାଲନ୍ତୁ (ୱାକ୍ ଇନ୍ ଇନ୍ଟର୍ ଭିଉ )

ପଦବୀ : କ) ଛାତ୍ରୀ ନିବାସ ତତ୍ତ୍ୱବଧାରିକ(ୱାର୍ଡେନ) (ମହିଳା) -୦୧

ଖ) ସୁପକାର (କୂକ୍ ) (ମହିଳା) – ୦୧

ଗ) ଚପରାସୀ(ପିଅନ୍) (ମହିଳା) – ୦୧

ଘ) ଚପରାସୀ(ପିଅନ୍) (ପୁରୁଷ) – ୦୧

ଙ) ଝାଡୁଦାର(ସୁଇପର୍) (ମହିଳା) – ୦୧

ଚ) ରାତିଜଗୁଆଳି (ନାଇଟ୍ ୱାଚ୍ ମ୍ୟାନ୍)( ପୁରୁଷ)-୦୧

*ଚିକିଟୀ ମହାବିଦ୍ୟାଳୟ ନିମନ୍ତେ ଉପରଲିଖିତ କର୍ମଚାରୀ ପଦବୀ ପାଇଁ ଏକ ସାକ୍ଷାତକାର (ୱାକ୍ ଇନ୍ ଇନ୍ଟର୍ ଭିଉ ) ଅନୁଷ୍ଠିତ ହେବ । ସମସ୍ତ ପଦବୀ ଚୁକ୍ତି ଭିତିକ(କଣ୍ଟ୍ରାକ୍ ଚୁଆଲ) ଅଟେ । ଆଶାୟୀ /ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥୀନୀ ଯେ କୌଣସି ସ୍ବୀକୃତୀପ୍ରାପ୍ତ ଅନୁଷ୍ଠାନରେ କାର୍ଯ୍ୟ କରିଥିବା ଅଭିଜ୍ଞତା (ଏକ୍ସ ପିରିଏନ୍ସ୍ ) ସଂମ୍ପନ୍ନ ପ୍ରାର୍ଥୀ / ପ୍ରାର୍ଥୀନୀଙ୍କୁ ଅଗ୍ରାଧିକାର(ପ୍ରିଫେରେନ୍ସେ) ଦିଆଯିବ ।

ସାକ୍ଷାକାର ସ୍ଥାନ/ସମୟ – ପାଠଚକ୍ର ଭବନ, ତା ୧୧ -୦୯ -୨୦୨୪, ଦିନ ଘ ୧୧.୦୦ ମି

ଭବାନୀ ପ୍ରସାଦ ମିଶ୍ର
ଅଧକ୍ଷ ୦୨/୦୯/୨୦୨୪
ଚିକିଟି ମହାବିଦ୍ୟାଳୟ
ଚିକିଟି, ଗଞ୍ଜାମ

- ଦରମା : ଆପୋଷ ଆଲୋଚନା
- **ଶିକ୍ଷାଗତ ଯୋଗ୍ୟତା :**

କ) **ଛାତ୍ରୀ ନିବାସ ତତ୍ତ୍ୱାବଧାରିକ(ୱାର୍ଡେନ)(ମହିଳା)-** i) ପ୍ରାର୍ଥୀନୀ ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ, ii) ସେ ମଧ୍ୟ-ଇଂରାଜୀ ବିଦ୍ୟାଳୟରେ ମାତୃଭାଷା ଓଡିଆ ବିଷୟରେ ଅଧ୍ୟୟନ କରି ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ, କିମ୍ବା iii) ସେ ଦଶମ ଶ୍ରେଣୀ(ଓଡିଆ ବୋର୍ଡ଼/ଅନ୍ୟ ସ୍ୱୀକୃତିପ୍ରାପ୍ତ ବୋର୍ଡ଼) ପରୀକ୍ଷାରେ ମାତୃଭାଷାକୁ ବିଷୟ ରୂପେ ଚୟନ କରି ଉତ୍ତୀର୍ଣ୍ଣ ହୋଇଥିବେ ।

ଖ). **ସୂପକାର (ରୋଷେୟା) (ମହିଳା)** – ପ୍ରାର୍ଥୀନୀ ସପ୍ତମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ସହ ମାତୃଭାଷା ଓଡିଆକୁ ବିଷୟ ରୂପେ ଚୟନ କରିଥିବା ଆବଶ୍ୟକ ।

ଗ). **ଚପରାସୀ (ମହିଳା)** – ପ୍ରାର୍ଥୀନୀ ସପ୍ତମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ସହ ମାତୃଭାଷା ଓଡିଆ ବିଷୟ ଅଧ୍ୟୟନ କରିଥିବା ଆବଶ୍ୟକ ।

ଘ). **ଚପରାସୀ(ପିଅନ୍)/ରାତିଜଗୁଆଳି (ନାଇଟ୍ ୱାଚ୍ ମ୍ୟାନ୍) (ପୁରୁଷ)** – ପ୍ରାର୍ଥୀ ସପ୍ତମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ସହ ମାତୃଭାଷା ଓଡିଆ ବିଷୟ ଅଧ୍ୟୟନ କରିଥିବା ଆବଶ୍ୟକ ।

ଙ) **ଝାଡୁଦାର(ମହିଳା)-** ପ୍ରାର୍ଥୀନୀ ତୃତୀୟ ଶ୍ରେଣୀରେ ଅଧ୍ୟୟନ କରି ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ଏବଂ ମାତୃଭାଷା ଓଡିଆ ବିଷୟ ପଢିବା ଓ ଲେଖିବା ଜାଣିଥିବେ।

- **ବୟସ ସୀମା :**

**ଛାତ୍ରୀ ନିବାସ ତତ୍ତ୍ୱବଧାରିକ(ୱାର୍ଡେନ୍)** ସକାଶେ ୦୧ ଜୁନ୍ ୨୦୨୪ ସୁଦ୍ଧା ପ୍ରାର୍ଥୀନୀଙ୍କ ବୟସ ୩୦ ବର୍ଷ ବୟସରୁ କମ୍ ହୋଇନଥିବ କିମ୍ବା ୬୦ ବର୍ଷ ବୟସରୁ ଉର୍ଦ୍ଧ ହୋଇନଥିବା ଆବଶ୍ୟକ ।

- ପଦବୀରେ ଲେଖାଥିବା (କ) ବ୍ୟତୀତ ଅନ୍ୟ ମାନଙ୍କ ପାଇଁ ୦୧ ଜୁନ୍ ୨୦୨୪ ସୁଦ୍ଧା ପ୍ରାର୍ଥୀ/ ପ୍ରାର୍ଥୀନୀଙ୍କ ବୟସ ୨୧ ବର୍ଷ ବୟସରୁ କମ୍ ହୋଇନଥିବ କିମ୍ବା ୪୫ ବର୍ଷ ବୟସରୁ ଉର୍ଦ୍ଧ ହୋଇନଥିବା ଆବଶ୍ୟକ ।

- **ଅନ୍ୟାନ୍ୟ ଯୋଗ୍ୟତା** : ପ୍ରାର୍ଥୀ/ ପ୍ରାର୍ଥୀନୀ ଜଣେ ଭାରତୀୟ ନାଗରିକ ହୋଇଥିବେ ।

**ପ୍ରାର୍ଥୀ/ ପ୍ରାର୍ଥୀନୀଙ୍କ ସାକ୍ଷାତକାର ସମୟରେ ନିମ୍ନଲିଖିତ ପ୍ରମାଣ ପତ୍ର ଆବଶ୍ୟକ –**

କ. ମୂଳ ପ୍ରମାଣ ପତ୍ର ସହ ଅନାନ୍ୟ କାଗଜ ଯାଞ୍ଚ ନିମନ୍ତେ ଦାଖଲ କରିବେ

ଖ. ଦଶମ ଶ୍ରେଣୀ ଓ ସ୍ନାତକ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ମୂଳ ପ୍ରମାଣ ପତ୍ର

ଗ. ଦଶମ ଶ୍ରେଣୀ ଓ ସ୍ନାତକ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ମୂଳ ପ୍ରମାଣପତ୍ର ସହ ଆତ୍ମ ସ୍ୱାକ୍ଷରିତ ଏକକିତା ନକଲ

ଘ. ଦୁଇଗୋଟି ରଙ୍ଗିନ୍ ପାସ୍ ପୋର୍ଟ ସାଇଜ୍ ର ଫଟୋ ସହ ଆତ୍ମସ୍ୱାକ୍ଷରିତ ଆଧାରକାର୍ଡର ନକଲ

- **କାର୍ଯ୍ୟ ଓ ଅନ୍ୟାନ୍ୟ ସର୍ତ୍ତାବଳୀ :**

୧) ସମସ୍ତ ନିଯୁକ୍ତି ପଦବୀ ଚୁକ୍ତି ଭିତିକ ଅଟେ । ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମସ୍ତ ଅଧିକାରୀ ସଂରକ୍ଷିତ । କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ଭିତ୍ତିକରି କର୍ମଚାରୀଙ୍କ ସେବା ଅବଧି ବୃଦ୍ଧି କରାଯାଇପାରେ । ଏହି ସମସ୍ତ ପଦବୀ ଖାଲିଥିବା ପଦବୀ ପୂରଣ ପାଇଁ ନୁହଁ ବା କୌଣସି ପଦବୀ ବିରୁଦ୍ଧରେ ନୁହଁ। ଏଥି ସହ ନିଯୁକ୍ତି ପାଇଥିବା କର୍ମଚାରୀ ନିଯୁକ୍ତି ନିୟମିତ କରିବା ନିମନ୍ତେ କୌଣସି କ୍ଷେତ୍ରରେ ଦାବି କରିପାରିବେ ନାହିଁ କିମ୍ବା ଏହା ସେମାନଙ୍କର ଅଧିକାରର ଅନ୍ତର୍ଭୁକ୍ତ ନୁହେଁ ।

୨) ଚାକିରି ସର୍ତ୍ତାବଳୀ ମହାବିଦ୍ୟାଳୟର ପରିଚାଳନା ପରିଷଦ ଦ୍ୱାରା ନିୟମାନୁମୋଦିତ ଓ ସ୍ଥିରୀକୃତ ଅଟେ ।

୩) ଏହି ବିଜ୍ଞାପନ, ନିଯୁକ୍ତି ପାଇଁ ପରିଚାଳନା ପରିଷଦ ବାଧ୍ୟତାମୂଳକ ବୋଲି ବିବେଚନା କରାଯିବା ଉଚିତ ନୁହଁ ।

୪) କୌଣସି କାରଣ ନ ଦର୍ଶାଇ ଏହି ସାକ୍ଷାତକାର (ୱାକ୍ ଇନ ଇଣ୍ଟରଭିଉ ) କୁ ବାତିଲ କରିବାର ଅଧିକାର ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ରହିଛି ।

୫) **ନିଯୁକ୍ତି** ପାଇଥିବା ୱାର୍ଡେନ୍ ଛାତ୍ରୀ ନିବାସରେ ଦିବା/ରାତି ଅବସ୍ଥାନ କରିବେ,ତତ୍ ସହିତ ନିଜର ଭୋଜନ ସକାଶେ ଦେୟ ରାଶି ଛାତ୍ରୀନିବାସ କର୍ତ୍ତୃପକ୍ଷଙ୍କ ନିକଟରେ ପୈଠ କରିବେ।

ମେମୋ ସଂ –୧୩୪୧ ତା : ୦୨-୦୯-୨୦୨୪

ଏହାର ଏକାକିତା ନକଲ ସାଧାରଣ ବିଜ୍ଞାପନ ସୂଚନା ଫଳକ / ମହାବିଦ୍ୟାଳୟର ୱେବ୍ ସାଇଟ୍/ ବ୍ୟାପକ ପ୍ରସାର ଓ ପ୍ରଚାର ନିମନ୍ତେ ଉଦ୍ଦିଷ୍ଟ ସର୍ବସାଧାରଣଙ୍କ ଅବଗତ ନିମନ୍ତେ ପ୍ରେରଣ କରାଗଲା ।

ଅଧ୍ୟକ୍ଷ